# Official Spokesperson's response to media queries on allegations by Pakistan regarding Indian forces targeting a U.N. vehicle

December 20, 2020

## ଭାରତୀୟ ସେନା ମିଳିତ ଜାତିସଂଘର ଯାନକୁ ଟାର୍ଗେଟ କରିଥିବା ପାକିସ୍ତାନର ଆରୋପ ଉପରେ ଗଣମାଧ୍ୟମର ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଡିସେମ୍ବର 20, 2020

ଭାରତୀୟ ସେନା ମିଳିତ ଜାତିସଂଘର ଯାନକୁ ଟାର୍ଗେଟ କରିଥିବା ପାକିସ୍ତାନର ଆରୋପ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ:

"18 ଡିସେମ୍ବର 2020 ରେ ମିଳିତ ଜାତିସଂଘର ଯାନକୁ ଭାରତୀୟ ସେନା ଜାଣିଶୁଣି ଟାର୍ଗେଟ କରିଥିବା ପାକିସ୍ତାନର ଆରୋପ ବିଷୟରେ ସବିଶେଷ ଅନୁସନ୍ଧାନ କରାଯାଇଛି ଏବଂ ଏହା ବାସ୍ତବରେ ଭୁଲ ଓ ମିଥ୍ୟା ବୋଲି ଜଣାପଡିଛି। ଆମର ସୀମାନ୍ତ ସୈନ୍ୟମାନେ ମିଳିତ ଜାତିସଂଘର ସାମରିକ ପର୍ଯ୍ୟବେକ୍ଷକଙ୍କ ଗସ୍ତ ବିଷୟରେ ଅବଗତ ଥିଲେ ଏବଂ ଅଭିଯୋଗ ଅନୁଯାୟୀ କୌଣସି ଗୁଳି ଚାଳନା କରିନଥିଲେ।

ନିଜ ଅଧୀନରେ ଥିବା ଅଞ୍ଚଳରେ ମିଳିତ ଜାତିସଂଘ କର୍ମଚାରୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ସୁନିଶ୍ଚିତ କରିବାରେ ନିଜର ବିଫଳତାକୁ ଘୋଡାଇବା ପାଇଁ ଭାରତ ବିରୁଦ୍ଧରେ ଭିତ୍ତିହୀନ ତଥା ମିଥ୍ୟା ଅଭିଯୋଗର ପୁନରାବୃତ୍ତି କରିବା ପରିବର୍ତ୍ତେ ପାକିସ୍ତାନ ନିଜ ତ୍ରୁଟିକୁ ଦାୟୀତ୍ୱର ସହିତ ଯାଞ୍ଚ କରିବା ଉଚିତ। ଏହି ଭୁଲ ତଥ୍ୟ ଉପରେ ଭାରତ ନିଜର ଅନୁସନ୍ଧାନ ଓ ମତାମତ ପାକିସ୍ତାନ ପକ୍ଷକୁ ଜଣାଇଦେଇଛି।"

ନୂଆଦିଲ୍ଲୀ

ଡିସେମ୍ବର 20, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.